# NATIONAL NEWS BULLETIN (ODIA)

**13 November- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ବିହାର ବିଧାନସଭା ସମେତ ୭ଟି ରାଜ୍ୟର ୮ଟି ବିଧାନସଭା ଆସନ ନିମନ୍ତେ ଆସନ୍ତାକାଲି ହେବ ମତଗଣନା ।

- ପ୍ରକଳ୍ପ ଚିତା ଅଧୀନରେ ଆଜି ଭାରତକୁ ଚିତାଭାଗ ହସ୍ତାନ୍ତର କରିବ ବୋତସ୍ୱାନା ।

- ତାମିଲନାଡୁର କୋଏମ୍ବାଟୁର ଗସ୍ତରେ ଆସନ୍ତା ୧୯ ତାରିଖରେ ଯିବେ ପ୍ରଧାନମନ୍ତ୍ରୀ ।

- ଦେଶର ପ୍ରଥମ ରାଜ୍ୟ ଭାବେ ପ୍ଲାଷ୍ଟିକ ପ୍ରଦୂଷଣ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କଲା ପଞ୍ଜାବ ।

ଏବଂ

- ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ କ୍ରିକେଟ୍ ସିରିଜ୍‌ର ପ୍ରଥମ ମ୍ୟାଚ୍ ଆସନ୍ତାକାଲିଠାରୁ ଆରମ୍ଭ ହେବ କୋଲକାତାରେ ।

## ବିହାର ବିଧାନସଭା

ବିହାର ବିଧାନସଭା ନିର୍ବାଚନର ଭୋଟ୍‌ଗଣତି ଆସନ୍ତାକାଲି ସକାଳ ୮ଟାରେ ଆରମ୍ଭ ହେବ । ରାଜ୍ୟର ୩୮ଟି ଜିଲ୍ଲାରେ ୪୬ଟି ଭୋଟ୍‌ଗଣତି କେନ୍ଦ୍ରରେ ଗଣତି ହେବ । ବିହାରର ୨୪୩ଟି ବିଧାନସଭା ଆସନ ପାଇଁ ୨ଟି ପର୍ଯ୍ୟାୟରେ ମତଦାନ ହୋଇଥିଲା । ୨ହଜାର ୬୧୬ଜଣ ପ୍ରାର୍ଥୀଙ୍କର

ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇ ରହିଛି । ବିହାରର ମୁଖ୍ୟ ନିର୍ବାଚନ ଅଧିକାରୀ ବିନୋଦ ସିଂହ ଗୁଞ୍ଜିୟାଲା ଆକାଶବାଣୀ ସମ୍ବାଦ ବିଭାଗକୁ କହିଛନ୍ତି ଇଭିଏମ୍ ଏବଂ ଭିଭିପାଟ୍ ଗୁଡ଼ିକୁ ସିଲ୍ କରାଯାଇ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଛି । ସେ କହିଛନ୍ତି ଭୋଟ୍‌ଗଣତି କେନ୍ଦ୍ର ଗୁଡ଼ିକରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । କେନ୍ଦ୍ରୀୟ ସଶସ୍ତ ସୁରକ୍ଷା ବଳ ଏବଂ ରାଜ୍ୟ ପୁଲିସ ବାହିନୀ ମୁତୟନ କରାଯାଇଛି । ଏତଦ୍‌ବ୍ୟତୀତ ସେହି ସ୍ଥାନଗୁଡ଼ିକ ସିସିଟିଭି ଅଧୀନରେ ରହିଛି । ବିଧାନସଭା ନିର୍ବାଚନମଣ୍ଡଳୀ ଗୁଡ଼ିକରେ ନିଯୁକ୍ତ ହୋଇଥିବା ଅବଜରଭର ମାନେ ମଧ୍ୟ ଗଣତି କେନ୍ଦ୍ର ଗୁଡ଼ିକ ନିରୀକ୍ଷଣ କରିବେ ।

**V/O (Vinod singh-Bihar)**

ବିହାର ନିର୍ବାଚନ ସହିତ ଦେଶରେ ଓଡ଼ିଶାର ନୂଆପଡ଼ା ସମେତ ୭ଟି ରାଜ୍ୟର ୮ଟି ବିଧାନସଭା ଆସନରେ ଉପନିର୍ବାଚନ ପାଇଁ ମତଦାନ ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ଅନ୍ୟ ରାଜ୍ୟର ନିର୍ବାଚନ ମଣ୍ଡଳୀ ଗୁଡ଼ିକ ହେଲା – ଜାମ୍ମୁକାଶ୍ମୀରର ବୋଡ଼ଗୋଓଁ ଏବଂ ନାଗ୍ରୋଟା, ରାଜସ୍ଥାନର ଆଣ୍ଟା, ଝାଡ଼ଖଣ୍ଡର ଘଟଶୀଳ, ତେଲଙ୍ଗାନାର ଜୁବୁଲି ହିଲ୍‌ସ, ପଞ୍ଜାବର ତର୍ନତରନ୍ ଏବଂ ମିଜୋରାମର ଡମ୍ପା । ଏହି ସବୁ ଉପନିର୍ବାଚନର ଭୋଟ ଗଣତି ମଧ୍ୟ ଆସନ୍ତାକାଲି ଅନୁଷ୍ଠିତ ହେବ ।

---

# ପ୍ରେଜ୍ ବୋତ୍‌ସ୍ୱାନା

ପ୍ରକଳ୍ପ ଚିତା ଅଧୀନରେ ଆଜି ବୋତ୍‌ସ୍ୱାନା ଭାରତକୁ ଚିତା ବାଘ ହସ୍ତାନ୍ତର କରିବ । ଗତକାଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ତାଙ୍କର ବୋତ୍‌ସ୍ୱାନା ପ୍ରତିପକ୍ଷ ଡୁମା ବୋକୋଙ୍କ ମଧ୍ୟରେ ଅନୁଷ୍ଠିତ ଦ୍ୱିପକ୍ଷିୟ

ବୈଠକ ପରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଏହା ଘୋଷଣା କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଏହି କାର୍ଯ୍ୟକ୍ରମ ଅନୁଯାୟୀ ବୋତ୍ସ୍ୱାନା ଭାରତକୁ ୮ଟି ଚିତା ହସ୍ତାନ୍ତର କରିବ ।

ଏହି ବାଘ ବିଲୁପ୍ତ ହେବାର ଦଶନ୍ଧି ପରେ ବିଦେଶରୁ ଭାରତକୁ ଚିତା ଅଣାଯିବା କାର୍ଯ୍ୟକ୍ରମ ସରକାରଙ୍କ ଏକ ଅନନ୍ୟ ପଦକ୍ଷେପ । ଏଥିଲାଗି ରାଷ୍ଟ୍ରପତି ମୁର୍ମୁ ବୋତ୍ସ୍ୱାନାକୁ ଧନ୍ୟବାଦ ଦେବା ସହିତ ଭାରତ ଏହି ଚିତା ଗୁଡ଼ିକର ଉତ୍ତମ ଯତ୍ନ ନେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ସେହିଭଳି ଅନୁକୂଳ ପରିବେଶଗତ ଲକ୍ଷ୍ୟ ହାସଲ ଏବଂ ଜୈବ ବିବିଧତାକୁ ପ୍ରୋତ୍ସାହନ ଦେବା ଦିଗରେ ଉଭୟ ଦେଶ ମଧ୍ୟରେ ହୋଇଥିବା ପ୍ରକଳ୍ପ ଚିତା ଚୁକ୍ତିନାମା ସହାୟକ ହେବ ବୋଲି ରାଷ୍ଟ୍ରପତି ଡୁମା ବୋକ କହିଛନ୍ତି ।

ବୋତ୍ସ୍ୱାନା ଗସ୍ତ ଶେଷ କରିବା ପୂର୍ବରୁ ଆଜି ରାଷ୍ଟ୍ରପତି ମୁର୍ମୁ ସେଠାରେ ବସବାସ କରୁଥିବା ପ୍ରବାସୀ ଭାରତୀୟଙ୍କ ସହିତ ଭାବବିନିମୟ କରିବେ । ଗତକାଲି ରାଷ୍ଟ୍ରପତି ମୁର୍ମୁଙ୍କ ସମ୍ମାନାର୍ଥେ ତାଙ୍କର ବୋତ୍ସ୍ୱାନା ପ୍ରତିପକ୍ଷ ଏକ ନୈଶ୍ୟ ଭୋଜିର ଆୟୋଜନ କରିଥିଲେ ।

---

## ବାଲ୍ ପୁରସ୍କାର

ସାହିତ୍ୟ ଏକାଡେମୀ-ବାଲ ସାହିତ୍ୟ ପୁରସ୍କାର ୨୦୨୫ ଆସନ୍ତାକାଲି ନୂଆଦିଲ୍ଲୀରେ ପ୍ରଦାନ କରାଯିବ। ସାହିତ୍ୟ ଏକାଡେମୀର ସଭାପତି ମାଧବ କୌଶିକ ଶିଶୁ ସାହିତ୍ୟରେ କ୍ଷେତ୍ରରେ ଏହି ବାର୍ଷିକ ପୁରସ୍କାର ପ୍ରଦାନ କରିବେ। ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ମନୋନୀତ ହୋଇଥିବା ଲେଖକମାନଙ୍କୁ କାଂସ୍ୟ ଫଳକ ସହିତ ପଚାଶ ହଜାର ଟଙ୍କାର ଚେକ୍ ମଧ୍ୟ ପ୍ରଦାନ କରାଯିବ। ହିନ୍ଦୀ ସାହିତ୍ୟରେ ପାଇଁ ସୁଶୀଲ ଶୁକ୍ଲାଙ୍କୁ ପୁରସ୍କାର

ପ୍ରଦାନ କରାଯିବାକୁ ଥିବାବେଳେ ଇଂରାଜୀ ଭାଷାରେ ଶିଶୁ ସାହିତ୍ୟ ପାଇଁ ନୀତିନ କୁଶଲପ୍ପାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ ।

## ପିଏମ୍ କୋଏମ୍ବାଟୁର ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୯ ତାରିଖ ଦିନ ତାମିଲନାଡୁର କୋଏମ୍ବାଟୁର ଗସ୍ତରେ ଯିବେ । ତାମିଲନାଡୁର କୃଷକ ସଂଗଠନ ପକ୍ଷରୁ ଆୟୋଜିତ ଦକ୍ଷିଣ ଭାରତ ପ୍ରାକୃତିକ କୃଷି ସମ୍ମିଳନୀକୁ ପ୍ରଧାନମନ୍ତ୍ରୀ ସମ୍ବୋଧନ କରିବେ । ପ୍ରଧାନମନ୍ତ୍ରୀ ଦକ୍ଷିଣ ରାଜ୍ୟ ଗୁଡ଼ିକରେ ଜୈବିକ କୃଷି ଉପରେ ବିଶେଷ କାର୍ଯ୍ୟ କରୁଥିବା ୫୦ଜଣ ବୈଜ୍ଞାନିକଙ୍କ ସହ ବାର୍ତ୍ତାଳାପ କରିବେ । ଏହି ସମ୍ମିଳନୀରେ ପ୍ରାକୃତିକ ଚାଷକାର୍ଯ୍ୟ ସମ୍ବନ୍ଧିତ ନୀତି ନିର୍ଦ୍ଧାରଣ ଲାଗି ପ୍ରାରମ୍ଭିକ ଭାବେ ଆଲୋଚନା ହେବ । ଆୟୋଜକ କମିଟିର ସଂଯୋଜକ ପିଆର୍.ପାଣ୍ଡିଆନ୍ କହିଛନ୍ତି କୃଷକମାନଙ୍କ ମଧ୍ୟରେ ପ୍ରାକୃତିକ କୃଷି ପ୍ରତି ଆଗ୍ରହ ଓ ସଚେତନତା ସୃଷ୍ଟି ଲାଗି ଏଭଳି ଆୟୋଜନ କରାଯାଇଛି । ସୂଚନା ଅନୁଯାୟୀ ଏହି ସମ୍ମିଳନୀରେ ୩୦୦ଟି ମଣ୍ଡପ ସେମାନଙ୍କର ବିଭିନ୍ନ କାର୍ଯ୍ୟପନ୍ଥା ପ୍ରଦର୍ଶନ କରିବେ । ସେଥିରେ ପ୍ରମୁଖ ବୈଜ୍ଞାନିକମାନଙ୍କ ଆଲୋଚନା କାର୍ଯ୍ୟକ୍ରମ ନୀତିନିର୍ଦ୍ଧାରକମାନଙ୍କ ସହ ବାର୍ତ୍ତାଳାପ ଓ ଯୁବ ଏବଂ ମହିଳା ଗୋଷ୍ଠୀ ସହ ଆଲୋଚନା ଆଦି କାର୍ଯ୍ୟକ୍ରମ ରହିଛି ।

## ପିପିସିବି

ପଞ୍ଜାବ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ ଦେଶରେ ପ୍ରଥମ ରାଜ୍ୟ ଭାବେ ପ୍ଲାଷ୍ଟିକ ପ୍ରଦୂଷଣ ରୋକିବା ଲାଗି ପଦକ୍ଷେପ ଗ୍ରହଣ କରିବା ଆରମ୍ଭ କରିଛି । ପଞ୍ଜାବର ୬ଟି ସହରରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଅଡିଟ କରାଯାଇଥିବା ସୂଚନା ମିଳିଛି । ସେହି ସହରଗୁଡ଼ିକ ହେଉଛି, ମୋହାଲି, ଜଲନ୍ଧର, ଲୁଧିଆନା, ଅମୃତସର, ପଟିଆଲା ଏବଂ ଭଟିଣ୍ଡା । ପ୍ରଦୁଷଣ ବୋର୍ଡର ସୂଚନା ଅନୁଯାୟୀ ମିଳିଥିବା ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ

ମଧ୍ୟରେ ୧୪ଟି ପ୍ରମୁଖ ଦେଶୀୟ କମ୍ପାନୀ ଏବଂ ୪ଟି ଅନ୍ତର୍ଜାତୀୟ କମ୍ପାନୀ ପଞ୍ଜାବର ଅଣଷଠୀ ପ୍ରତିଶତ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପାଇଁ ଦାୟି ବୋଲି ଜଣାପଡିଛି । ପ୍ରାୟ ୧୧ହଜାର ୮୧୦ଟି ବ୍ୟବହୃତ ପ୍ଲାଷ୍ଟିକ ପ୍ୟାକେଟ୍ ପରୀକ୍ଷା କରିବା ପରେ ସଂପୃକ୍ତ କମ୍ପାନୀଗୁଡ଼ିକ ପ୍ଲାଷ୍ଟିକ ପ୍ରଦୂଷଣ କରୁଥିବା ଜଣାପଡିଛି । ଅନ୍ୟପକ୍ଷରେ ୬ହଜାର ୯୯୧ କିଲୋଗ୍ରାମ ବର୍ଜ୍ୟବସ୍ତୁରୁ ୬୧୩ କିଲୋଗ୍ରାମ କଠିନ ପ୍ଲାଷ୍ଟିକ ମିଳିଛି, ଯାହାର ପ୍ରକ୍ରିୟାକରଣ କରିବା ସମ୍ଭବ ନୁହେଁ । ଆମ ଜଳନ୍ଧର ସମ୍ବାଦଦାତା ଜଣାଇଛନ୍ତି ପଞ୍ଜାବ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧ୍ୟକ୍ଷା ରୀନା ଗୁପ୍ତା କହିଛନ୍ତି ୧୪ଟି ପ୍ରମୁଖ କମ୍ପାନୀକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ରାଜ୍ୟରେ ପ୍ଲାଷ୍ଟିକ ପ୍ରଦୂଷଣ ରୋକିବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ଆଗାମୀ ଦିନରେ ଏଭଳି ପ୍ରଦୂଷଣ ସୃଷ୍ଟି କରୁଥିବା କୌଣସି କମ୍ପାନୀକୁ ଅନୁମତି ଦିଆଯିବ ନାହିଁ ବୋଲି ସେ କହିଛନ୍ତି ।

## ବାଂଲାଦେଶ-ଆଇସିଟି

ବାଂଲାଦେଶରେ ଆନ୍ତର୍ଜାତିକ ଅପରାଧ ଟ୍ରିବ୍ୟୁନାଲ ପୂର୍ବତନ ବିତାଡିତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଏବଂ ତାଙ୍କର ଦୁଇ ସହଯୋଗୀଙ୍କ ବିରୋଧରେ ଆସନ୍ତା ୧୭ ତାରିଖରେ ରାୟ ଶୁଣାଇବେ ବୋଲି କହିଛନ୍ତି । ୧ ନମ୍ବର ଟ୍ରିବ୍ୟୁନାଲରେ ଥିବା ୩ଜଣ ବିଚାରପତି ଏହି ନିଷ୍ପତ୍ତି ନେଇଛନ୍ତି । ବିଚାରପତି ମହମ୍ମଦ ଗୋଲାମ ମୋର୍ତ୍ତୁଜା ମଜୁମଦାରଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠରେ ବିଚାରପତି ସଫିଉଲ୍ ଆଲମ ମହମ୍ମଦ ଏବଂ ବିଚାରପତି ମୋହିତୁଲ ହକ୍ ଇନାମ ଚୌଧୁରୀ ସଦସ୍ୟ ଅଛନ୍ତି । ଟ୍ରିବ୍ୟୁନାଲ ପକ୍ଷରୁ କୁହାଯାଇଛି ଗତବର୍ଷ ଜୁଲାଇ ମାସରେ ଗଣବିକ୍ଷୋଭ ଏବଂ ଗଣ ସଂଘର୍ଷ ଭଳି ଘଟଣାରେ ଶେଖ୍ ହାସିନା ଏବଂ ତାଙ୍କ ଦୁଇଜଣ ସହଯୋଗୀଙ୍କ ସମର୍ଥନ ରହିଥିବା ଜଣାପଡିଥିଲା । ଶେଖ୍ ହାସିନାଙ୍କ ମନ୍ତ୍ରିମଣ୍ଡଳର ପୂର୍ବତନ ଗୃହମନ୍ତ୍ରୀ ଆଶା ଦୁଜମାନ ଖାନ୍ କମଲ ଏବଂ ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ଚୌଧୁରୀ ଅବଦୁଲ୍ଲା ଅଲ୍ ମାମୁନଙ୍କୁ ମଧ୍ୟ ଏହି

ଘଟରାରେ ଦୋଷୀ ସାବ୍ୟସ୍ତ କରାଯାଇଛି । ସମ୍ପୂର୍ଣ୍ଣ ଘଟଣାରେ ଗତମାସ ୨୩ ତାରିଖରେ ଜବାଲସୁଆଲ ଶେଷ ହୋଇଥିଲା । ତେବେ ରାୟ ଶୁଣାଇବାକୁ ଆଉ ଅଳ୍ପଦିନ ବାକିଥିବାବେଳେ ଢ଼ାକା ଏବଂ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ।

## ଜୟଶଙ୍କର-ଦିଲ୍ଲୀ ବ୍ଲାଷ୍ଟ

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଆଜି ଦିଲ୍ଲୀ ବୋମା ବିସ୍ଫୋରଣ ଘଟଣାରେ ଶୋକପ୍ରକାଶ କରିଥିବା ଦକ୍ଷିଣକୋରିଆ ବୈଦେଶିକ ମନ୍ତ୍ରୀ ଚୋ ହ୍ୟୁନ୍ ଏବଂ ସିଙ୍ଗାପୁରର ବୈଦେଶିକ ମନ୍ତ୍ରୀ ଭିଭାନ ବାଲକ୍ରିଷ୍ଣନ୍ନୁ ଧନ୍ୟବାଦ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ଜୟଶଙ୍କର କହିଛନ୍ତି ସିଙ୍ଗାପୁର ଏବଂ ଦକ୍ଷିଣ କୋରିଆର ସମବେଦନା ପାଇଁ ଭାରତ ଧନ୍ୟବାଦ ଜଣାଉଛି ।

## ଗୋୟଲ୍-ଟ୍ରାଇବାଲ୍ ବିଜ୍‌ନେସ୍ କନ୍‌କ୍ଲେଭ୍

ରପ୍ତାନୀ ସାମର୍ଥ୍ୟ ରଖିଥିବା ସମସ୍ତ ଜନଜାତି ଉତ୍ପାଦକୁ ଆନ୍ତର୍ଜାତିକ ବଜାରରେ ପ୍ରୋତ୍ସାହିତ କରିବା ଲାଗି ସରକାର ସମସ୍ତ ପଦକ୍ଷେପ ନେବେ ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି । ଗତକାଲି ନୂଆଦିଲ୍ଲୀ ଠାରେ ଜନଜାତି ବ୍ୟବସାୟୀକ କନ୍‌କ୍ଲେଭ୍ ୨୦୨୫ରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ଗୋୟଲ କହିଛନ୍ତି, ଉଭୟ ଘରୋଇ ଏବଂ ଆନ୍ତର୍ଜାତିକ ବଜାରରେ ଜନଜାତି ଉତ୍ପାଦ ଏବଂ କାରିଗରୀର ପ୍ରଚୁର ସମ୍ଭାବନା ରହିଛି ।

ଏଭଳି ଉତ୍ପାଦଗୁଡ଼ିକର ଉପଯୁକ୍ତ ବିପଣନ ସହିତ ଯେଭଳି ରପ୍ତାନୀ କାରବାରକୁ ସଶକ୍ତ କରାଯାଇ ପାରିବ ସେଥିଲାଗି ସରକାର ଏକ ଯୋଜନା ପ୍ରସ୍ତୁତ କରୁଛନ୍ତି । ଏ ଦିଗରେ ସରକାରଙ୍କ ଅନ୍ୟ ଏକ ପଦକ୍ଷେପ ଉପରେ

ଆଲୋକପାତ କରି ଶ୍ରୀ ଗୋୟଲ କହିଛନ୍ତି, କେନ୍ଦ୍ରୀୟ ବଜେଟ୍‌ରେ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଲାଗି ବଜେଟ୍ ପରିମାଣକୁ ଚଳିତ ବର୍ଷ ପ୍ରାୟ ୫୦ ପ୍ରତିଶତ ବୃଦ୍ଧି କରାଯାଇଛି । ଏତଦ୍‌ବ୍ୟତୀତ ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀର ଉତ୍ପାଦନ କ୍ଷେତ୍ରରେ ନିୟୋଜିତ ପ୍ରାୟ ୧୨ ଲକ୍ଷ ଜନଜାତି ସମ୍ପ୍ରଦାୟ ବ୍ୟକ୍ତିଙ୍କ କଲ୍ୟାଣ ଲାଗି ସରକାର ୩ ହଜାର ୯୦୦ ବନ୍ ଧନ୍ କେନ୍ଦ୍ର ସ୍ଥାପନ କରିଛନ୍ତି । ଏହି କେନ୍ଦ୍ରଗୁଡ଼ିକୁ ବ୍ୟାପାର୍ ଧନ୍‌ରେ ରୂପାନ୍ତରିତ କରିବା ଦିଗରେ ମିଳିତ ପ୍ରୟାସ କରିବା ଲାଗି ଶ୍ରୀ ଗୋୟଲ୍ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି ।

ଏହି ସମାରୋହରେ ଉଦ୍‌ବୋଧନ ଦେଇ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ୍ କହିଛନ୍ତି, ଜନଜାତି ସମ୍ପ୍ରଦାୟ ହେଉଛନ୍ତି ପ୍ରାକୃତିକ ସମ୍ପଦ ଓ ଜ୍ଞାନର ତତ୍ତ୍ୱାବଧାରକ । ଦେଶର ଜନଜାତି ବହୁଳ ଅଞ୍ଚଳରେ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ଓ ହସ୍ତତନ୍ତ ଉତ୍ପାଦର ଭଣ୍ଡାର ରହିଛି ।  ଦେଶର ବିକାଶ କ୍ଷେତ୍ରରେ ଜନଜାତିଙ୍କର ଏହି କ୍ଷମତାକୁ ସମୃଦ୍ଧିରେ ପରିଣତ କରିବା ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି ବୋଲି ଶ୍ରୀ ଓରାମ୍ କହିଛନ୍ତି ।

---

## କ୍ରିକେଟ୍

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ କ୍ରିକେଟ୍ ସିରିଜ୍ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି । ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍ ଆସନ୍ତାକାଲି କୋଲକାତାର ଇଡେନ୍‌ଗାର୍ଡେନ୍ ଠାରେ ଖେଳାଯିବ । ଶୁଭମନ ଗିଲ୍ ଭାରତୀୟ ଦଳର ଅଧିନାୟକତ୍ୱ କରୁଥିବା ବେଳେ ଦକ୍ଷିଣ ଆଫ୍ରିକା ନେତୃତ୍ୱ ନେଉଛନ୍ତି ଟେମ୍ବା ବାବୁମା ।

ଅନ୍ୟପକ୍ଷରେ ତିନିମ୍ୟାଚ୍ ବିଶିଷ୍ଟ ଏକଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରାଜକୋଟଠାରେ ଆଜି ଭାରତ-ଏ ଏବଂ ଦକ୍ଷିଣଆଫ୍ରିକା-ଏ ମଧ୍ୟରେ ଖେଳାଯିବ ।

............................................................................................